## ଏମ୍‌ଭି ୩୫ଗାଁରେ ମା’ କାଳୀପୂଜା

କୋରୁକୋଣ୍ଡା, ୩୦।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପେଟ୍ରୋଲ ପଞ୍ଚାୟତ ଅଧୀନ ଏମ୍‌ଭି ୩୫ ଗ୍ରାମରେ ଶନିବାରରୁ ମା’ କାଳୀଙ୍କ ଆରମ୍ଭ ହୋଇଛି। ଦୀପାବଳିରେ କାଳୀ ପୂଜା ହେଉଥିବା ବେଳେ ମାଲକାନଗିରି ଜିଲାରେ ବାସ କରୁଥିବା ବାଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ଗ୍ରାମରେ ବର୍ଷ ତମାମ ମା’କାଳୀଙ୍କୁ ଅବାହନ କରାଯାଇଥାଏ। ଦୀର୍ଘ ବର୍ଷଧରି ଗ୍ରାମରେ ଏପରି ଭିନ୍ନ ପରମ୍ପରା ଶତାଧିକ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଅବସରରେ ମହିଳାମାନେ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ମଣ୍ଡପରେ କଳସ ସ୍ଥାପନପରେ ରୀତିନୀତି ଅନୁସାରେ ମା’ଙ୍କର ପୂଜାର୍ଚ୍ଚନା ହୋଇଥିଲା। ମଣ୍ଡପ ସମେତ ନିକଟରେ ଥିବା ମୁଖ୍ୟ ରାସ୍ତାରେ ବିରାଟ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସାଜାଯାଇଛି। ପୂଜା କମିଟିତରଫରୁ ପ୍ରତି ସନ୍ଧ୍ୟାରେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଆଦିବାସୀ ଲୋକନୃତ୍ୟ ପରିବେଷଣ କରାଯିବ। ଏହି ପୂଜାକୁ ଗାଁ କମିଟିସଭାପତି ଗୋବିନ୍ଦ ସର୍ଣ୍ଣକାର, ପୂଜା କମିଟି ସଭାପତି କର୍ଣ୍ଣ ସରକାର, ସମ୍ପାଦକ ରବୀନ୍ଦ୍ର ସର୍ଣ୍ଣକାର ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ସୁଚାରୁରୂପେ ପରିଚାଳନା କରୁଛନ୍ତି।

# ନିର୍ମାଣାଧୀନ ସଂଘ ଗୃହକୁ ନେଇ ଜିଲା ବାର୍ ଆସୋସିଏଶନ ଜିଲାପାଳଙ୍କ ଦ୍ୱାରସ୍ଥ

ମାଲକାନଗିରି, ୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବାର୍ ଆସୋସିଏଶନ ଓ ଲୟର ଆସୋସିଏଶନ ମଧ୍ୟରେ ନିର୍ମାଣାଧୀନ ସଂଘ ଗୃହକୁ ନେଇ ଜିଲାପାଳଙ୍କୁ ଶନିବାର ଜିଲା ବାର୍ ଆସୋସିଏଶନ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ବାର୍ ଆସୋସିଏଶନ ସଭାପତି ପ୍ରିତପଲ ସିଂ ଓ ସମ୍ପାଦକ ବିଜୁ ସରକାରଙ୍କ ସହ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ନିର୍ମାଣାଧୀନ ସଂଘ ଗୃହ ସମ୍ପର୍କରେ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଏଥିରେ ଦର୍ଶାଇଛନ୍ତି, ୧୯୭୩ରେ ମାଲକାନଗିର ସବ୍ ଡିଭିଜନ ଭାବେ ଘୋଷଣା ହେବା ପରେ ଓକିଲମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ୧୯୮୧ରେ ମାଲକାନଗିରିରେ ରାଜ୍ୟ ବାର କାଉନସିଲ ତରଫରୁ ଜିଲା ବାର୍ ଆସୋସିଏଶନ୍ ଗଠନ ହୋଇଥିଲା। ତତ୍କାଳୀନ ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ମାଲକାନଗିରି ଗସ୍ତ ସମୟରେ ବାର୍ ଆସୋସିଏଶନ ତରଫରୁ ଜିଲା ଜଜ୍‌ଙ୍କ ମାଧ୍ୟମରେ ଆସୋସିଏଶନର ଏକ ଗୃହ ନିମନ୍ତେ ଆବେଦନ କରିଥିଲେ। ତେବେ ସେହି ସମୟରେ ଜିଲା ଜଜ୍ କୋର୍ଟ ନିକଟରେ ଥିବା ସ୍ଥାନ ଚିହ୍ନଟକରି ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଇ ତହସିଲଦାରଙ୍କ ଜରିଆରେ ଉକ୍ତ ସ୍ଥାନ ଚିହ୍ନଟ ପରେ ଜିଲା ବାର୍ ଆସୋସିଏଶନ ନାମରେ ଉକ୍ତ ଜାଗା କରିଥିଲେ। ଉକ୍ତ ସ୍ଥାନରେ ବର୍ତ୍ତମାନ କାର୍ଯ୍ୟ ଆରମ୍ଭ ହୋଇଛି। ପରେ ଏହି ଗୃହ ନିର୍ମାଣ ନିମନ୍ତେ ତତ୍କାଳୀନ ଏମ୍‌ପି ଓ ବିଧାୟକଙ୍କ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଏହା ମଧ୍ୟରେ ମାଲକାନଗିରିରେ ନୂତନ ଭାବେ ଲୟର ଆସୋସିଏଶନ ଆରମ୍ଭ ହୋଇ ଏହି ନିର୍ମାଣାଧୀନ ସଂଘ ଗୃହକୁ ତାଙ୍କ ନାମରେ ରେକର୍ଡ କରିବା ପାଇଁ ଚକ୍ରାନ୍ତ କରୁଥିବା ବାର୍ ଆସୋସିଏଶନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଜିଲାପାଳ ବାର୍ ଆସୋସିଏଶନ କର୍ମକର୍ତ୍ତା ଓ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି, ଯେହେତୁ ଜିଲା ଜଜ୍ ଏହି ବାର୍ ଆସୋସିଏଶନ ସଂଘ ଗୃହ ନିମନ୍ତେ ସ୍ଥାନ ଚିହ୍ନଟ କରିବା ପାଇଁ କହିଥିଲେ, ତେଣୁ ଏହି ଘଟଣାର ତଦନ୍ତ କରି ଆମେ ତାଙ୍କୁ ଜଣାଇବୁ ବୋଲି କହିଛନ୍ତି।



ଜିଲା ବାର ଆସୋସିଏଶନ କର୍ମକର୍ତ୍ତା ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଦାବିପତ୍ର ଦେଉଛନ୍ତି।

# ବାଳସୁଧାର ଗୃହକୁ ଗଲେ ୪ ନାବାଳକ, ଅନ୍ୟ ୪ ଗିରଫ

### ବିଭିନ୍ନ ଅଞ୍ଚଳରୁ ମୋବାଇଲ ଫୋନ୍, ସାଇକେଲ ଚୋରି ଘଟଣା

କୋରୁକୋଣ୍ଡା, ୩୦।୧୧ (ଶିବଦତ୍ତ ସାହୁ)



ଜବତ ମୋବାଇଲ ଫୋନ।

ମାଲକାନଗିରି ଜିଲା ଓର୍କେଲ ପୋଲିସ ବିଭିନ୍ନ ସମୟରେ ଚୋରି ହୋଇଥିବା ମୋବାଇଲ ଫୋନ୍, ସାଇକେଲ ଓ ଗୃହ ଉପଯୋଗୀ ସାମଗ୍ରୀ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୪ଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଥିବା ବେଳେ ଅନ୍ୟ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିମେଲା ମେଡିକାଲସାହିର ଗୋପୀ ଡଙ୍ଗରି, ସନ୍ତୋଷ ନାଗ, ଦନେଇ ଖରା ଓ ଦୁର୍ଗା ଲାଇନର ସାଇବ ଖିଲ। ସେମାନଙ୍କ ଠାରୁ ଚୋରି ହୋଇଥିବା ୧୮ମୋବାଇଲ ଫୋନ୍ ସହ ଦୁଇଟି ସାଇକେଲ ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ,୨୦ ତାରିଖରେ କର୍କଟପାଲ୍ଲୀ ଗ୍ରାମରେ ହୋଇଥିବା ଯାତ୍ରାରେ ବାଲିମେଲା ସହରର କେତେଜଣ ଯୁବକ ଲୋକଙ୍କଠାରୁ ମୋବାଇଲ ଫୋନ ଚୋରି କରିଥିବା ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଓର୍କେଲ ଥାନାରେ ନଂ.୩୭୦/୨୪ ରେ ଏକ ମାମଲା ରୁଜୁ ହୋଇଥଲା। ସମାନ ଘଟଣାରେ ଏହି ଥାନାରେ ଲୋକଙ୍କ ଅଭିଯୋଗକ୍ରମେ ଆଉ ଏକ ମାମଲା ନଂ.୩୭୧/୨୪ ରୁଜୁକରାଯାଇଥିଲା। ଗତ ଏପ୍ରିଲ ୧୬ତାରିଖରେ ଜଣେ ବ୍ୟବସାୟୀଙ୍କଠାରୁ ମୋବାଇଲ ଫୋନ୍, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟ ଘଟଣାକୁ ନେଇ ଓର୍କେଲ ଥାନାରେ ନଂ.୧୬୪/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ଓର୍କେଲ ଥାନା ଆଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବିଜୟ କୁମାର ବେନିଆ, ମିଳନ ବରିହା ଓ ସୁରେଶ ବିଶି ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉକରି ସମ୍ପୃକ୍ତ ୪ଜଣ ନାବାଳକଙ୍କୁ ଧରି ବାଳସୁଧାର ଗୃହକୁ ପଠାଇବା ସହ ଅନ୍ୟ ୪ଜଣଙ୍କୁ କୋର୍ଟ ଚାଲାଣ କରିଛନ୍ତି।

# ଗ୍ରାମୀଣ ଆବାସ ଯୋଜନା ସମୀକ୍ଷା ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜୟପୁର,୩୦।୧୧ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ଆଜି ଗ୍ରାମୀଣ ଆବାସ ଯୋଜନା ଓ ଗ୍ରାମପଞ୍ଚାୟତ ବିକାଶ କାର୍ଯ୍ୟ ଯୋଜନା ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ଜିପିଓ ଭାଗୀରଥି ନାୟକ, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା ଓ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମୀଣ ଆବାସ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଅର୍ନ୍ତଭୁକ୍ତ କରାଯିବ। ପଞ୍ଚାୟତର ବିକାଶ ନେଇ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ବ୍ଲକ୍ ଅଧୀନରେ ଥିବା ୨୨ ପିଇଓ, ଏଡିଓ, କୃଷି ବିଭାଗ,ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ ବିଭାଗ ଓ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀଙ୍କ ସହ ୩ ଜଣଙ୍କ ଆତ୍ମସମର୍ପଣ

ମାଲକାନଗିରି,୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ୨ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀଙ୍କ ସହ ୩ ଜଣ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ବର୍ତ୍ତମାନ ଛତିଶଗଡ ପୋଲିସ ଦ୍ୱାରା ଚାଲିଥିବା ମାଓବାଦୀ ମୁକ୍ତ ଅଭିଯାନରେ ଅନୁପ୍ରାଣିତ ହୋଇ ଏହି ୩ ଜଣ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରୁ କୋଣ୍ଟା ଏରିଆ କମିଟି କେଏମ୍‌ଏସ୍‌ର ଉପାଧ୍ୟକ୍ଷା ୨ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ କୁମାରୀ ସୋଡି ମୁକେ ଓରଫ ଅନିତା, ଅରଲମପଲ୍ଲୀ ଡିଏକେଏମ୍‌ଏସ୍ ସଦସ୍ୟ ମାଡବୀ କେସା ଓ ଆରପିସି ମିଲିସିଆ ସଦସ୍ୟ ମଡକମ ଦେବା। ଏମାନେ କହିଛନ୍ତି, ଛତିଶଗଡ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୟାମ୍ପ ସହ ଗତ ୩ ମାସ ମଧ୍ୟରେ ବହୁ ମାଓବାଦୀ ପୋଲିସ ଗୁଳିରେ ମରିଥିବା ବେଳେ ବହୁ ଆତ୍ମସମର୍ପଣ କରିଛନ୍ତି। ଫଳରେ ସଂଗଠନ ଭୁଶୁଡିବାରେ ଲାଗିଛି। ଏଥିସହ ଛତିଶଗଡ ସରକାର ଆତ୍ମସମର୍ପଣକାରୀଙ୍କ ନିମନ୍ତେ ଯୋଗାଇ ଦେଉଥିବା ସମସ୍ତ ସୁବିଧାସୁଯୋଗ ଯୋଗୁ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ତିନିଜଣ ପୁଲିସ ନିରୀକ୍ଷକ ରୋଶନ ସିଂ ରାଜପୁତ ଓ ଉପ ନିରୀକ୍ଷକ ସରଜିତ ଆଲମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।



ଗିରଫ ୩ ମାଓବାଦୀ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ମାଲକାନଗିରି, ୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଟିଗୁଡ଼ାରେ ଶିକ୍ଷକ ଦେବରାଜ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧାନା ଦିଆଯାଇଛି। ଉକ୍ତ ସଭାରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଧର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଏବିଡିଓ ଅଶ୍ୱିନୀ କୁମାର ମାଝୀ ଓ ଗୌରାଙ୍ଗ ସଜ୍ଜନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗୌରୀ କପେ ମଞ୍ଚାସୀନ ଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଦେବରାଜ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକମାନଙ୍କ ମଧ୍ୟରେ ବାଲାରାଜୁ ପାଢ଼ୀ, ସୀମାଞ୍ଚଳ ପଣ୍ଡା, ଦୁର୍ଗାପ୍ରସାଦ ପଟ୍ଟନାୟକ, ଅଜୟ କୁମାର ସ୍ୱାଇଁ, ପ୍ରତିମା ନାୟକ, ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ସାଇରାମ ମହାପାତ୍ର, ଦିବ୍ୟଶ୍ରୀ ନାୟକ, ପ୍ରତିମା ସାହୁ, ଲବ ଗୌଡ଼, ପୁଷ୍ପାଞ୍ଜଳୀ ନାୟକ ଓ ଚିନ୍ମୟୀ ଧାଙ୍ଗଡ଼ାମାଝୀ ପ୍ରମୁଖ ଶିକ୍ଷକଙ୍କ ଦେବରାଜଙ୍କ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ତରୁଣ କୁମାର ଦେ, ଲଡୁକିଶୋର ବେହେରା ଓ ମମତା ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଦେବରାଜ ସାହୁଙ୍କୁ ଉପଢୌକନ ଓ ଉପହାର ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

# ନାବାଳକଙ୍କ ସମେତ ୪ ଜଣଙ୍କୁ ଧରିଲା ପୋଲିସ

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

ବ୍ରହ୍ମପୁର,୩୦।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ବିନାୟକ ଆଚାର୍ଯ୍ୟ କଲେଜ ପଡିଆରେ ରାଜା ନାୟକ ଓ ଅନିଲ ଦାସଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକ ସମେତ ୪ ଜଣଙ୍କୁ ଧରିଛି। ୩ ଗିରଫ ଅଭିଯୁକ୍ତ ହେଲେ ସିଟି ହାଇସ୍କୁଲ ନିକଟସ୍ଥ ହରିଜନସାହିର କାଳିଆ ବେହେରା, ଶ୍ୟାମଘନ ପ୍ରଦେଶୀ ତାଙ୍କ ସାନଭାଇ ଭଗବାନ ପ୍ରଦେଶୀ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଦୁଇଟି ଖଣ୍ଡା ଓ ଗୋଟିଏ ବୋମା ଓ ବିସ୍ଫୋରଣ ହୋଇଥିବା ବୋମାର କିଛି ଅଂଶ ଜବତ କରିଛି। ସେହିପରି ନାବାଳକଙ୍କୁ ଜେଜେବିରେ ହାଜର କରିଛି। ତିନି ଅଭିଯୁକ୍ତଙ୍କୁ ମାମଲା ନମ୍ବର ୪୧୬/୨୪ରେ କୋର୍ଟ ଚାଲାଣ କରାଯାଇଛି। ରାଜା ପ୍ରଥମେ ନାବାଳକ ଗୋଷ୍ଠୀ ସଦସ୍ୟଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ପରେ ଅଭିଯୁକ୍ତମାନେ ରାଜା ଓ ଅନିଲଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ରାଜା ଗୁରୁତର ହୋଇ ଥିଲେ। ଘଟଣାକୁ ନେଇ ବଡ଼ବଜାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ୨ ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବା ବେଳେ ଆଉ ଆଉ ୨ ଜଣଙ୍କୁ ଶନିବାର କାବୁ କରାଯାଇଥିଲା।

# ୨ ମହିଳା କ୍ୟାଡେଟ୍ ସମ୍ବର୍ଦ୍ଧିତ

ଜୟପୁର,୩୦।୧୧ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ୨ ମହିଳା କ୍ୟାଡେଟଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ସିନିୟର ଅଣ୍ଡର ଅଫିସର ଦେବସ୍ମିତା ବେନିଆ ଓ ସର୍ବଭାରତୀୟ ସ୍ଥଳ କ୍ୟାମ୍ପରେ ଭାଗନେବା ପାଇଁ କ୍ୟାଡେଟ୍ ଶୀତଲ ନନ୍ଦାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଓଏସ୍‌ଡି ଦେବୀପ୍ରସାଦ ମିଶ୍ର, କୁଳସଚିବ ରଞ୍ଜନ ପ୍ରଧାନ, ପିଜି କାଉନ୍‌ସିଲ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର, କ୍ୟାପଟେନ୍ ଲକ୍ଷ୍ମଣ ପାତ୍ର ଏବଂ ସିଟିଓ ସନ୍ତୋଷିନୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ କ୍ୟାଡେଟ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପାଇଁ ସୌମ୍ୟରଞ୍ଜନ ଚୟନ

ମାଲକାନଗିରି, ୩୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ଓଡିଶା କ୍ରିକେଟ ଆସୋସିଏଶନ ତରଫରୁ ଆଗାମୀ ଦିନରେ ହେବାକୁ ଥିବା ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ମାଲକାନଗିରିର ଯୁବକ ସୌମ୍ୟରଞ୍ଜନ ସିଂ ଚୟନ ହୋଇଛନ୍ତି। ସୌମ୍ୟରଞ୍ଜନ ମାଲକାନଗିରି ଜିଲାରେ ଉତ୍ତମ ଖେଳ ପ୍ରଦର୍ଶନ କରିବା ସହ କଟକରେ ମଧ୍ୟ ଉତ୍ତମ ବୋଲିଂ ପ୍ରଦର୍ଶନକରି ଏହି ଟ୍ରଫି ନିମନ୍ତେ ଚୟନ ହୋଇଛନ୍ତି। ସେ ଓଡିଶା କ୍ରିକେଟ ଆସୋସିଏଶନ ତରଫରୁ ମାଲକାନଗିରିରେ ହୋଇଥିବା ଅଣ୍ଡର ୧୪ (ଭିଜିୟନ୍ ୨୪) ଟୁର୍ନାମେଣ୍ଟରେ ସେ ଗୋଟିଏ ଓଭରରେ ୬ ଉଇକେଟ ନେଇଥିଲେ। ପରେ ସେ କ୍ରିକେଟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ସେ ମାଲକାନଗିରି ଜିଲା ତରଫରୁ କଟକରେ ଅନୁଷ୍ଠିତ ଅଣ୍ଡର ୧୬ ରେ ୩ଥର ଖେଳ ପ୍ରଦର୍ଶନ କରିଛନ୍ତି। ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ଖେଳାଳୀ ଚୟନ ଚାଲିଥିବା ସମୟରେ ଶେଷ ପ୍ରକ୍ରିୟାରେ ଅଣ୍ଡର ୧୬ ଖେଳ କଟକରେ ଅନୁଷ୍ଠିତ ହୋଇଥିଲା। ଗୋଟିଏ ଟୁର୍ନାମେଣ୍ଟ ଶେଷ ହେବା ସୁଦ୍ଧା ସେ ମୋଟ ୫ ଉଇକେଟ ନେଇ ମାଲକାନଗିରି ଜିଲାକୁ ଗୌରବ ଆଣିଛନ୍ତି। ତାଙ୍କର ଏପରି ଖେଳ ପ୍ରଦର୍ଶନକୁ ଦେଖି ଓଡିଶା କ୍ରିକେଟ ଆସୋସିଏଶନ ତରଫରୁ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନିମନ୍ତେ ସୌମ୍ୟରଞ୍ଜନ ଚୟନ ହୋଇଛନ୍ତି।



ସୌମ୍ୟରଞ୍ଜନ ସିଂ






## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟଣା ୩ ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା

ରାୟଗଡ଼ା,୩୦।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ ଗତ ୧୫ ତାରିଖରେ ଘଟିଥିବା ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩ ରେ ପହଞ୍ଚିଛି। ଶନିବାର ଚିକିତ୍ସାଧିନ ଅବସ୍ଥାରେ ବ୍ରହ୍ମପୁରରେ ଧର୍ମା ମିଣିଆକାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୂର୍ବରୁ ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଧର୍ମାଙ୍କ ଭାଇ ଦିନ ମିଣିଆକାଙ୍କ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ,ନଭେମ୍ବର ୧୫ ସକାଳେ ରାୟଗଡ଼ା ସହରର ହାତୀପଥର ରୋଡ଼ ରାଣୀଗୁଡାଫାର୍ମ ନିକଟରେ ଏକ ଭଡାଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ୩ ଗୁରୁତର ହୋଇଥିଲେ। ଗ୍ୟାସ ଲିକେଜ ଥିବାରୁ ଚୁଲାରେ ଅଗ୍ନି ସଂଯୋଗ ସଙ୍ଗେ ସଙ୍ଗେ ନିଆଁ ଲାଗି ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ୩ ଜଣ ଡି.ଶିବା, ଧର୍ମା ଓ ଦିନ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତିନି ଗୁରୁତରଙ୍କୁ ପ୍ରଥମେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୨ ଜଣଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଏବଂ ଜଣଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଥିଲା।

### ଧାନ ସଂଗ୍ରହ ପୂର୍ବରୁ ଚାଷୀଙ୍କୁ ସଚେତନ

ବିଷମକଟକ/ପାଇକଡାକଲଗୁଡ଼ା, ୩୦।୧୧
(ପ୍ରସନ୍ନ କୁମାର ପଣ୍ଡା/ଦୁର୍ଯୋଧନ ରାଜୁ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅଧୀନ ପାଇକଡ଼ାକୁଲାଗୁଡ଼ା ପଞ୍ଚାୟତ ଅଫିସରେ ଖରିଫ୍ ଧାନ ସଂଗ୍ରହ ଆଗରୁ ଚାଷୀଙ୍କୁ ସଚେତନ କରାଯାଇଛି। ଏଥିରେ ପାଇକଡାକୁଲୁଗୁଡ଼ା, କୁତ୍ରାଗଡ଼ ଓ ଥୁଆପାଡ଼ି ଚାଷୀ ଉପସ୍ଥିତ ଥିଲେ। ଚାଷୀମାନେ ଠିକ୍ ମାନର ଧାନ ମଣ୍ଡିକୁ ଆଣି ସରକାରୀ ମୂଲ୍ୟରେ ଦେବାକୁ କୁହାଯାଇଛି। ଧାନ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ରହିଥିବାବେଳେ ଅତିରିକ୍ତ ୮୦୦ ଟଙ୍କା ଇନ୍‌ପୁଟ୍ ଜରିଆରେ ୨୪ ଘଣ୍ଟା ମଧ୍ୟରେ ଚାଷୀ ନିଜ ଆକାଉଣ୍ଟରେ ପାଇବେ ବୋଲି ସେମାନଙ୍କୁ ସଚେତନ କରାଯାଇଛି। ଏଫ୍‌ଏକ୍ୟୁ ମାନର ସଫା ଧାନ ମଣ୍ଡିକୁ



ଆଣିବାକୁ ଚାଷୀଙ୍କୁ ଅବଗତ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଅନ୍ୟ ୧୮ ପଞ୍ଚାୟତର ଚାଷୀଙ୍କୁ ସଚେତନ କରାଯିବ ବୋଲି ବିଷମକଟକ ସମବାୟ ସମିତି ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମରେ ବିଷମକଟକ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଦେବଦତ୍ତ ଲେଙ୍କା, ସମବାୟ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ କୁମାର ସାହୁ, ଆର୍‌ଏମ୍‌ସି କର୍ମଚାରୀ ଓ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।

# ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଅଭିଯୋଗ

- କନ୍ଧମାଲିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ
- ସ୍କୁଲ ଫାଟକ ସମ୍ମୁଖରେ ଧାରଣା

ରାୟଗଡ଼ା,୩୦।୧୧(ଆଶିଷ ରଞ୍ଜନ ପଣ୍ଡା)



ଧାରଣାରେ ବସିଥିବା ଛାତ୍ରମାନେ।

ରାୟଗଡ଼ା ସଦର ବ୍ଲକ କନ୍ଧମାଲିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆବାସିକ ଛାତ୍ରମାନେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଶନିବାର ସନ୍ଧ୍ୟାରେ ଧାରଣାରେ ବସିଥିବା ଜଣାପଡିଛି । ଛାତ୍ର ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଉକ୍ତ ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ସହ ପଚା ଅମୃତଭଣ୍ଡା, ଆଳୁ ଆଦି ରୋଷେଇ କରି ଖାଇବାକୁ ଦିଆଯାଉଛି। ଏହି ସେବାଶ୍ରମରେ ପ୍ରାୟ ୪୦ ଅନ୍ତେବାସୀ ରହିଛନ୍ତି। ଅଭିଯୋଗ ଅନୁସାରେ ସେମାନଙ୍କୁ ଗତ ୫ ମାସ ହେବ ଦୈନନ୍ଦିନ ବ୍ୟବହାର ପାଇଁ ଆସୁଥିବା ଅର୍ଥରେ ସାବୁନ, ତେଲ ଆଦି ଦିଆନଯାଇ ବାଟମାରଣା କରାଯାଉଛି। ଘଟଣାସ୍ଥଳରେ ଦେଢ ଘଣ୍ଟାଧରି ଫାଟକ ଆଗରେ ବସିବା ପରେ ରାୟଗଡା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଗୋଷ୍ଠୀ ମଙ୍ଗଳ ଅଧିକାରୀ ପ୍ରକାଶ ନାୟକଙ୍କ ସହ କ୍ଲଷ୍ଟର ସିଆରସି ଓ ପ୍ରଧାନ ଶିକ୍ଷୟିତ୍ରୀ ଫୁଲମତି ମୁଦୁଲି ପ୍ରମୁଖ ପହଞ୍ଚି ଅନ୍ତେବାସୀଙ୍କୁ ଭିତରକୁ ନେଇ ଯାଇଥିଲେ। ଗୋଷ୍ଠୀ ମଙ୍ଗଳ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକଙ୍କୁ ଘଟଣା ବିଷୟରେ ପଚାରିବାରୁ ଆମେ ଜାଣିନୁ, ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

## କରପା ସେବାଶ୍ରମରେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ରାୟଗଡ଼ା,୩୦।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ କରପା ସେବାଶ୍ରମର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କର ଶନିବାର ମୃତ୍ୟୁ ହୋଇଛି। ତାଙ୍କ ଘର କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳରେ।

ପ୍ରକାଶ ଯେ, ସେବାଶ୍ରମ ହଷ୍ଟେଲରେ କୌଣସି କାରଣରୁ ସେ ଅସୁସ୍ଥ ହୋଇପଡିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ କଲ୍ୟାଣସିଂହପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏହି ଖବରପାଇ ପରିବାରବର୍ଗ ତାଙ୍କୁ ମେଡିକାଲରୁ ଆଣି ଘରେ ଗୁଣିଗାରେଡି ଓ ଦେଶୀ ଚିକିତ୍ସା କରିବା ପରେ ଅଚେତ ହୋଇପଡିବାରୁ ଶୁକ୍ରବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଏସ୍‌ଏଲଏନ୍ ମେଡିକାଲ କଲେଜକୁ ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଝିଅର ଦେହ ଖରାପ ହୋଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେବାପରେ ତାଙ୍କୁ ଆଣି ଗାଁରେ ପୂର୍ବପୁରୁଷଙ୍କ ପଦ୍ଧତି ଅନୁସାରେ ଦେଶୀ ଚିକିତ୍ସା କରିଥିଲେ ବୋଲି ବାପା କହିଛନ୍ତି। ତେବେ ଝିଅର ଦେହ ଅତ୍ୟଧିକ ଖରାପ ହେବାରୁ ପ୍ରଥମେ କଲ୍ୟାଣସିଂହପୁର ଓ ପରେ ରାୟଗଡ଼ା ନେଇଥିଲେ । ତେବେ ରାୟଗଡ଼ାରେ ଡାକ୍ତର ଝିଅଙ୍କୁ ବ୍ରହ୍ମପୁର କିମ୍ବା କୋରାପୁଟ ମେଡ଼ିକାଲକୁ ନେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟପଟେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିବା ବାପା କହିଛନ୍ତି। ଏନେଇ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୯୭୭୭୭୭୪ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ ।

## କ୍ରୀଡ଼ା ମନୁଷ୍ୟର ଶାରୀରିକ ଗଠନର ଏକ ଉତ୍କୃଷ୍ଟ ପ୍ରକ୍ରିୟା




ପଦ୍ମପୁର,୩୦।୧୧(ପ୍ରଶାନ୍ତ କୁମାର କର)

**୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ**

ପଦ୍ମପୁର ଆର୍ଯ୍ୟନ ଇଂଲିଶ ମିଡିୟମ୍ ସ୍କୁଲରେ ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ହୃଷିକେଶ ରଥ, ସବ୍‌ଇନ୍‌ସିପେକ୍ଟର ମନୋଜ କୁମାର ମଲ୍ଲୀକ, ପ୍ରଶାନ୍ତ କୁମାର କରଙ୍କ ସହ ବିଦ୍ୟାଳୟ ସମ୍ପାଦିକା ସ୍ୱର୍ଣ୍ଣ ମଞ୍ଜରୀ ଦାସ, ଚେୟାରମ୍ୟାନ ଯଶସ୍ୱୀ ଦାସ, ପ୍ରଶାସନିକ ଅଧିକାରୀ ମନୋଜ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଶୁଚିସ୍ମିତା ସାହୁ, ଜ୍ଞାନଜ୍ୟୋତି ମହାବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ କୁମାର କାର୍ଜି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନର୍ସରୀଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ୟାରେଡ୍ ପ୍ରଦର୍ଶନ ସହ କବାଡି, ସ୍ଲୋ ସାଇକେଲ ରେସ, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ମ୍ୟାଜିକ୍ ଚେୟାର ଓ ଥ୍ରୋ ଦି ବଲ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଜ୍ଞାନଜ୍ୟୋତି କଳା ଓ ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଯୋଗାଭ୍ୟାସ କରାଯାଇଥିବା ବେଳେ ଅବିଭାବକମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଖେଳ ଆୟୋଜିତ ହୋଇଥିଲା। ଦ୍ୱିତୀୟ ଦିବସରେ ଖିଲାମୁଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କୁମ୍‌କୁମ୍ ସ୍ୱାଇଁ, ଖମପଦର ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ ନାୟକ,ଅଗ୍ନିଶମ ବିଭାଗ ଅଧିକାରୀ ଶିଶିର ବେହେରା,ବିଦ୍ୟାଳୟ ନିର୍ମାତା,ସମ୍ପାଦିକା, ଚେୟାରମ୍ୟାନ, ପ୍ରଶାସନିକ ଅଧିକାରୀଙ୍କ ସହସମସ୍ତଶିକ୍ଷୟିତ୍ରୀଶିକ୍ଷକଉପସ୍ଥିତଥିଲେ।

# ୨୧ରୁ ଉପଖଣ୍ଡସ୍ତରୀୟ ଚଇତି ସାଂସ୍କୃତିକ ଉତ୍ସବ ‘ଇଡ଼ିତାଲ’




ବୈଠକରେ ଉପସ୍ଥିତ ଅତିଥିମାନେ।

ଗୁଣପୁର,୩୦।୧୧(ପ୍ରଦୀପ କୁମାର ପାଢୀ)

**୨୧ ପରିବର୍ତ୍ତେ କାର୍ଯ୍ୟକ୍ରମ ୨୦ରୁ କରିବାକୁ ପ୍ରସ୍ତାବ**

ରାୟଗଡା ଜିଲା ଗୁଣପୁରରେ ଉପଖଣ୍ଡସ୍ତରୀୟ ଚଇତି ସାଂସ୍କୃତକ ଉତ୍ସବ ଇଡ଼ିତାଲ ପ୍ରସ୍ତୁତି ବୈଠକ ଟାଉନ ହଲ୍‌ରେ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଛି। ଉପଜିଲାପାଳ କିରନ ଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ସତ୍ୟଜିତ ଗମାଙ୍ଗ, ପୌରାଧ୍ୟକ୍ଷା ମମତା ଗୌଡ, ଆଟିଡିଏର ପ୍ରକଳ୍ପ ପ୍ରଶାସକ ଅଜୟ ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜୀ, ପୌର ପରିଷଦର ନିର୍ବାହୀ ଅଧିକାରୀ କପିଳେଶ୍ୱର ତାଣ୍ଡି , ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ୨୧ ଏବଂ ୨୨ ଦୁଇ ଦିନ ଚଇତି ଉତ୍ସବ ପାଳନ କରାଯିବା ନେଇ ସ୍ଥିର ହୋଇଛି। ପ୍ରତିବର୍ଷ ଇଡ଼ିତାଲ ୩ ଦିନ ହେଉଥିବାବେଳେ ଚଳିତ ଥର ୨ ଦିନ କରାଯିବ। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୨୦ ତାରିଖରୁ ୩ ଦିନ ପାଇଁ କାର୍ଯ୍ୟକ୍ରମ ପାଳନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲାପାଳଙ୍କୁ ଏନେଇ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ମାରାଥାନ, ଖାଦ୍ୟ ପ୍ରତିଯୋଗିତା, କ୍ରିଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନା ପାଇଁ ସ୍ଥିର ହୋଇଛି। ମାରାଥାନ ଦୌଡ ପ୍ରତିବର୍ଷ ବିକ୍ରମପୁରରୁ ଚଇତି ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିଲା। ବର୍ତ୍ତମାନ ବାଇପାସ ରାସ୍ତା ଖରାପ ଥିବାରୁ ତାହାର ରାସ୍ତା ପରିବର୍ତ୍ତନ ପାଇଁ ସ୍ଥିର ହୋଇଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଚାଲୁଥିବାରୁ ସେଠାରେ ଚଇତି କାର୍ଯ୍ୟକ୍ରମ ନ କରି ତହସିଲ ଅଫିସ ପଡ଼ିଆରେ କରିବାକୁ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଉମା ଚରଣ ପଟ୍ଟନାୟକ, ବିଜୟ ଗମାଙ୍ଗ, ଅକ୍ଷୟ ଦାସ, ୱାଇ.ଗଣପତିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ଏସ୍‌ର ସେବା ସପ୍ତାହରେ ମନ୍ଦିର ସଫେଇ

ମୁନିଗୁଡ଼ା,୩୦।୧୧ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଆର୍‌ଏସ୍‌ଏସ୍‌ର ପକ୍ଷରୁ ଜଗନ୍ନାଥ ମନ୍ଦିର ପରିସରରେ ଶନିବାର ସେବା ସପ୍ତାହ ଉପଲକ୍ଷେ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମୁନିଗୁଡ଼ା ଖଣ୍ଡ ବୌଦ୍ଧିକ ପ୍ରମୁଖ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ସଂଘ ସଦସ୍ୟମାନେ ମନ୍ଦିର ପରିସରରେ ସଫେଇ ଅଭିଯାନ ଆରମ୍ଭ କରିଥିଲେ। ମନ୍ଦିର ପରିସର ମଧ୍ୟରେ ପଡି ରହିଥିବା ବ୍ୟବହୃତ ଦୀପ, ପଲିଥିନ, ପୂଜା ସାମଗ୍ରୀ ଓ ବର୍ଜ୍ୟବସ୍ତୁ ସବୁକୁ ସ୍ୱୟଂ ସେବକମାନେ ସଫା କରି ବାହରେ ପୋଡ଼ିଥିଲେ। ପରିଚାଳନାରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା କେଶବ ରତ୍ନାଲୁ, ମନୋରଞ୍ଜନ ଦଳାଇ, ଲୋକନାଥ ପାଣିଗ୍ରାହୀ, ଆଶୁତୋଷ ପାଣିଗ୍ରାହୀ,ବିଶ୍ୱନାଥ ସେଠୀ, ଜଗା ଲାବଲା ପ୍ରମୁଖ ସହାୟତା କରିଥିଲେ। ଅନେକ ସ୍ୱୟଂ ସେବକ ସେବା କାର୍ଯ୍ୟରେ ଭାଗ ନେଇଥିଲେ। ଶେଷରେ ମୁଖ୍ୟ ଶିକ୍ଷକ ଆଶୁତୋଷ ପାଣିଗ୍ରାହୀ



ସଂଘ ଶାଖା ପରିଚାଳନା କରିଥିଲେ। ସଂଘ ପ୍ରାର୍ଥନା ପ୍ରମୁଖ ଭାବେ ପ୍ରଦୀପ ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ଥାଉକି ପ୍ରାନ୍ତର ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଶାଖାରେ ସଂଘର ସ୍ୱୟଂ ସେବକ ମାନଙ୍କ ଦ୍ୱାରା ସେବା ସପ୍ତାହ ଗତ ୨୩ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

## ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରେ ପ୍ରବଚନ

ରାୟଗଡ଼ା, ୩୦।୧୧ (ଭାଗ୍ୟଶ୍ରୀ ମିଶ୍ର)



ରାୟଗଡ଼ା ମଙ୍ଗଳା ମନ୍ଦିର ପୂଜା କମିଟି ପକ୍ଷରୁ ୫ ଦିନ ଧରି ଚାଲିଥିବା ପଣ୍ଡିତ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ବିଶିଷ୍ଟଙ୍କ ସହ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଶ୍ରୋତା ପ୍ରବଚନ ଶୁଣିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବଚକ ଶ୍ରୀ ଜଗନ୍ନାଥଙ୍କ କଥା ଶୁଣି ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ଜାଗୃତି କରାଇଥିଲେ। ଆଧୁନିକ ସମାଜରେ ଲୋକଙ୍କ ମନରେ ଆଧ୍ୟାତ୍ମିକ ଭାବନ ଜାଗୃତି ପାଇଁ ଏପରି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଶ୍ରୋତାମାନେ କହିଛନ୍ତି। କାର୍ଯ୍ୟକ୍ରମରେ କାଉନସିଲର ଶ୍ରମିତା ପାଢ଼ୀ ଏବଂ କାଉନ୍‌ସିଲର ଗୋପୀନାଥ ଗୌଡ଼, ଆଇନଜୀବୀ ବିନାୟକ କର, ବଳରାମ ଚୌଧୁରୀ, ମଞ୍ଜୁଶ୍ରୀ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ରାଜେନ୍ଦ୍ରଙ୍କ ସହ କମିଟି ସଦସ୍ୟମାନେ ପଣ୍ଡିତ ଆଶୀର୍ବାଦ ମହାରାଜଙ୍କୁ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀଙ୍କ ଫଟୋ ପ୍ରଦାନ କରିଥିଲେ।

# ଜେଜେମା’ ଜେଜେବାପା ଶିଶୁଙ୍କ ମାର୍ଗଦର୍ଶକ

**ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେମା ଜେଜେ ବାପା ଦିବସ**

ରାୟଗଡ଼ା, ୩୦।୧୧ (ଭାଗ୍ୟଶ୍ରୀ ମିଶ୍ର)



କ୍ରୀଡା ପ୍ରତିଯୋଗିତା କରାଯାଉଛି ।

ରାୟଗଡା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଜେଜେମା ଜେଜେ ବାପା ଦିବସ ଶନିବାର ପାଳିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଅଧ୍ୟକ୍ଷ ଆନନ୍ଦ ନାଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜେଜେମା ଜେଜେବାପା ଶିଶୁଙ୍କ ମାର୍ଗଦର୍ଶକ। ସେମାନେ ତାଙ୍କ ଜୀବନର ଅଭିଜ୍ଞତାରୁ ପିଲାଙ୍କ ଭଲ ଭବିଷ୍ୟତ ଗଢ଼ିପାରିବେ। ସେମାନଙ୍କ ଉପସ୍ଥିତ ସବୁବେଳେ ପିଲାମାନଙ୍କ ପାଖରେ ରହିବା ଆବଶ୍ୟକ ବୋଲି ଅଧ୍ୟକ୍ଷ କହିଛନ୍ତି। ସମ୍ମାନିତ ଅତିଥିଭାବେ ତୁମ୍ବେଶ୍ୱର ଲାବଲା,ଦେବେନ୍ଦ୍ର ସାହୁକାର,ଝୁଲେଶ୍ୱର ମିଶ୍ର, ସଞ୍ଜୁକ୍ତା ପଣ୍ଡା, ପ୍ରଭାମୟୀ ପଣ୍ଡା, ଭେଙ୍କଟ ଲକ୍ଷ୍ମୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପିଲାମାନଙ୍କର ଜେଜେମା ଜେଜେ ବାପାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷକ ଜୟଦେବ ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ରାୟଗଡ଼ା ଓଏସ୍‌ଆର୍‌ଟିସି ଡିପୋରୁ ୪ ଦୁର୍ଗମ ରୁଟ୍‌କୁ ଯାଉନି ବସ୍

ରାୟଗଡ଼ା, ୩୦।୧୧(ଭାଗ୍ୟଶ୍ରୀ ମିଶ୍ର)



ରାୟଗଡ଼ା ଡିପୋରେ ଅଚଳ ହୋଇ ରହିଥିବା ସରକାରୀ ବସ୍ ।

- ରାୟଗଡ଼ାକୁ ଉପେକ୍ଷା ଜୟପୁରକୁ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ
- ଅବ୍ୟବସ୍ଥାର ଫାଇଦା ଉଠାଉଛନ୍ତି ଘରୋଇ ବସ୍

ଉପାନ୍ତ ଅଞ୍ଚଳବାସୀଙ୍କୁ ପରିବହନରେ ସୁବିଧା ଯୋଗାଇବାକୁ ଓଡ଼ିଶା ରାଜ୍ୟ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ରାୟଗଡ଼ାରେ ଡିପୋ ଆରମ୍ଭ କରାଯାଇଥିଲା। କିନ୍ତୁ ଏହା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ସରକାରୀ ବସ୍‌ଗୁଡିକର ମରାମତି ପ୍ରତି ଧ୍ୟାନ ଦିଆଯାଉ ନାହିଁ କିମ୍ବା ନୂତନ ବସ ଅଣାଯାଉନି। ଫଳରେ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେବ ବସ୍‌ଗୁଡ଼ିକ ଠିକ ଭାବେ ଯାତାୟତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ରାୟଗଡ଼ାକୁ ଉପେକ୍ଷା କରି ଜୟପୁରକୁ ଗୁରୁତ୍ୱ ଦିଆଯାଉଥିବା ରାୟଗଡ଼ାବାସୀ ଅଭିଯୋଗ କରିଛନ୍ତି। ରାଜ୍ୟରେ ବିଜେଡି ସରକାର ଥିବାବେଳେ ରାୟଗଡ଼ାରୁ ସିଧାସଳଖ ପୁରୀ ଯିବା ପାଇଁ ଏକ ଭଲ୍‌ଭୋ ଏସି ବସ୍ ଜଗନ୍ନାଥ ଏକ୍ସପ୍ରେସ୍ ଯୋଗାଇଥିଲେ। ଯାହାକୁ ରାୟଗଡ଼ାରୁ ଉଠାଇ ନେଇ ଜୟପୁର ପୁରୀ କରାଯାଇଛି। ଉକ୍ତ ବସ୍ ଜୟପୁରରୁ ରାୟଗଡ଼ା ଆସିବାବେଳେ ବିଳମ୍ବିତ ରାତ୍ରି ହେଉଛି ତେଣୁ ଉକ୍ତ ବସ୍ ଧରିବା କଷ୍ଟକର ହେଉଛି ବୋଲି ଅଞ୍ଚଳର ମହିଳା ଏବଂ ବୃଦ୍ଧାମାନେ ଅଭିଯୋଗ କରିଛନ୍ତି। ଏହି ବସ୍‌ରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ସୁବିଧା ରହିଛି। ତେଣୁ ବସ୍‌କୁ ତୁରନ୍ତ ରାୟଗଡ଼ା-ପୁରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜିଲାରେ ଚାଲୁଥିବା ୧୨ ବସ୍‌ରୁ ବର୍ତ୍ତମାନ ମାତ୍ର ୫ ଟି ଚାଲୁଛି ବୋଲି କାଗଜପତ୍ରରେ ଦେଖାଯାଉଛି। କିନ୍ତୁ ସେଥିରେ ମଧ୍ୟ ଅନେକ ଗାଡ଼ି ଯାନ୍ତ୍ରିକ ତ୍ରୁଟିରୁ ଯାଉ ନ ଥିବା ଅଭିଯୋଗ ହୋଇଛି। ସେଗୁଡିକ ମଧ୍ୟ ଦିନେ ଗଲେ ଦିନେ ବନ୍ଦ ରହୁଥିବା ଜଣା ପଡିଛି। ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ କେବଳ ୪ ଟା ବସ୍ ଚାଲିଛି। ରାୟଗଡ଼ା-କାଶୀପୁର, ରାୟଗଡ଼ା-ରାମପୁର, ରାୟଗଡ଼ା-ବ୍ରହ୍ମପୁର, ରାୟଗଡ଼ା-ଚିତ୍ରକୋଣ୍ଡା ଦିନେ ଛାଡ଼ି ଦିନେ ଚାଲିଛି। ଜିଲାର ଦୁର୍ଗମ ଅଞ୍ଚଳ ଚନ୍ଦ୍ରପୁର ନାରାୟଣପାଟଣା, ଡ଼ଙ୍ଗାପାଇ ଏବଂ ଗୁଡାରୀକୁ ଗାଡ଼ି ଯାଉନି। ଯାହାଫଳରେ ଘରୋଇ ବସ୍‌ରେ ଅଧିକ ଟଙ୍କା ଦେଇ ଯାତାୟାତ କରିବାକୁ ଲୋକେ ବାଧ୍ୟ ହେଉଛନ୍ତି। ଜଣେ ଯେଉଁ ୪ ରୁଟ୍‌ରେ ବସ୍‌ଯାଉଛି ତାହା ମଧ୍ୟ ନିୟମିତ ଚଳାଚଳ ହେଉନି। ଦିନେ ଛଡ଼ା ଦିନେ ଯାଉଛି। ବସ୍ କଣ୍ଡକ୍ଟର ଡ୍ରାଇଭରମାନେ କେବଳ ୧୦ରୁ ୧୫ ଦିନ ହେବ ଦରମା ପାଉଥିବା ସେମାନେ କହିଛନ୍ତି। ଏ ସମସ୍ୟା ବିଷୟରେ ଓଏସ୍‌ଆର୍‌ଟିସି ଡିପୋ ମ୍ୟାନେଜର ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରୁ ବସ୍ ଆବଶ୍ୟକତା ଦୃଷ୍ଟିରୁ ଆମେ ସବୁ ରୁଟ୍‌କୁ ଦେଇ ପାରୁନୁ। ବସ୍‌ଗୁଡିକ ଖରାପ ଅଛି ମରାମତି ଚାଲିଛି। ଜଗନ୍ନାଥ ଏକ୍ସପ୍ରେସ୍ ବସ୍‌କୁ କାର୍ଯ୍ୟାଳୟର ନିର୍ଦ୍ଦେଶରେ ଜୟପୁର ନିଆଯାଇଛି ବୋଲି ସେ କହିଛନ୍ତି। ଉଚ୍ଚ ଅଧିକାରୀଙ୍କୁ ଜଣାଯାଇଛି। ନୂତନ ବସ ଆବଶ୍ୟକ ରହିଛି, ମରାମତି କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି ।

### ଯାତ୍ରୀଙ୍କ ମୁହଁରୁ...

**ଅବ୍ୟବସ୍ଥା ସହ ବସ୍ ବାତିଲ ଯୋଗୁ ଅସୁବିଧା**

ମୁଁ ରାୟଗଡ଼ାରେ ରୁହେ। ଘର ଗୁଣୁପୁର। ପ୍ରାୟ ସମୟ ଭୁବନେଶ୍ୱର ଯିବାକୁ ହୁଏ। କମ୍ ଟଙ୍କା ପାଇଁ ମୁଁ ସରକାରୀ ବସ୍‌ରେ ଯିବାକୁ ପସନ୍ଦ କରେ। ହେଲେ ଅନେକ ଅବ୍ୟବସ୍ଥା ଏବଂ ଅଧିକାଂଶ ସମୟ ବସ୍ ବାତିଲ ହେଉଛି। ତେଣୁ ହଇରାଣ ହେବାକୁ ପଡୁଛି। ଏଥିସହ ବସ୍‌ଗୁଡ଼ିକୁ ସଫା ସୁତୁରା ମଧ୍ୟ କରାଯାଉ ନାହିଁ ।

-ତପନ ଶବର, ରାୟଗଡ଼ା

**ଅଧିକ ଟଙ୍କା ଦେଇ ଘରୋଇ ବସ୍‌ରେ ଯିବାକୁ ପଡ଼େ**

ଅଧିକାଂଶ ସମୟ ବସ୍ ଚଳାଚଳ କରୁନି। ଟିକଟ କାଟିବାକୁ କାଉଣ୍ଟରକୁ ଗଲେ ଆଜି ବସ୍ ନାହିଁ ବୋଲି ଶୁଣିବାକୁ ପଡୁଛି। ଏହାପରେ ଅଧିକ ଟଙ୍କା ଦେଇ ଘରୋଇ ବସ୍‌ରେ ଯାତାୟାତ କରିବାକୁ ପଡୁଛି।

-ଜୟନ୍ତୀ କରକରିଆ, ରାୟଗଡ଼ା

## ସଂକ୍ଷେପରେ

### ଧାନ ପରବର୍ତ୍ତୀ ଚାଷ ନେଇ ବିହନ ବଣ୍ଟନ

ଡାବୁଗାଁ, ୨୮।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଧାନ ପରବର୍ତ୍ତୀ ଚାଷ ନେଇ ବିହନ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ କୃଷି ବିଭାଗ ଓ ଓସ୍ୱା ସାମାଜିକ ସଙ୍ଗଠନ ପକ୍ଷରୁ ଧାନ ପରବର୍ତ୍ତୀ ପଡିଆ ଜମିର ବିସ୍ତୃତ ପରିଚାଳନା ଯୋଜନାରେ ଚାଷୀମାନଙ୍କୁ ନାକଚଣା ବିହନ ବଣ୍ଟନ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧକ୍ଷା ବୀଣା ମାଝୀ, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଡିଓ ଶରତ ମାଝୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଏମ୍. ଆପ୍ପା ରାଓ, ଜୟନ୍ତ ପାତ୍ର, ବ୍ଲକ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଓସ୍ୱା ସଂସ୍ଥାର ଜିଲା ସଂଯୋଜକ ଆଲୋକ ପଣ୍ଡା, ବ୍ଲକ ସଂଯୋଜକ ଶୁଭେନ୍ଦୁ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ନାକଚଣା ମଞ୍ଜି ନେଇ ଚାଷ କରି ଅଧିକ ଲାଭବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରକାଶ ଯେ, ବ୍ଲକରେ ୧୪୦୦ ହେକ୍ଟର ବା ୩୫୦୦ ଏକର ଜମି ପାଇଁ ନାକଚଣା ମଞ୍ଜି ବଣ୍ଟାଯିବ। ଶନିବାର ୨୦୦ ଚାଷୀଙ୍କୁ ନାକଚଣା ମଞ୍ଜି ବଣ୍ଟନ କରାଯାଇଛି। ଏଥିରେ ଡାବୁଗାଁ ବ୍ଲକ ସମସ୍ତ କୃଷି କର୍ମଚାରୀ, କୃଷକ ସାଥୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

### ପେନ୍‌ସନ ପାଇଁ ବୃଦ୍ଧା ହନ୍ତସନ୍ତ

ତେନ୍ତୁଲିଖୁଣ୍ଟି, ୩୦।୧୧ ( ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ ଅମଲାଭଟ୍ଟା ପଞ୍ଚାୟତ ଡେଙ୍ଗାଗୁଡ଼ା ଗ୍ରାମର ମୋତି ଯାନୀଙ୍କୁ ୩ ମାସ ହେବ ପେନସନ ମିଳିନି। ବାର୍ଦ୍ଧକ୍ୟ ହେତୁ ସେ ବ୍ୟାଙ୍କକୁ ଟଙ୍କା ଆଣିବାକୁ ଯାଇପାରୁନାହାନ୍ତି। ତାଙ୍କୁ ଦୁଃଖ ବୁଝି



ଘରେ ପେନ୍‌ଶନ ଟଙ୍କକା ଦେବାକୁ ବୃଦ୍ଧା ମୋତି ଜାନୀ ନିବେଦନ କରିଛନ୍ତି। ସୂଚନାନୁଯାୟୀ, ଡେଙ୍ଗାଗୁଡ଼ାରୁ କଣ୍ଟାଗାଁ ବ୍ୟାଙ୍କ ୧୨ କି.ମି. ଦୂର। ମୋତିଙ୍କ ପକ୍ଷେ ଏତେ ଗୁଡ଼ିଏ ବାଟ ଯିବା କଷ୍ଟକର। ବୟସ ହୋଇଥିବାରୁ ଚାଲି ପାରୁ ନାହାନ୍ତି। ଭଲ ସେ ଠିଆ ବି ହୋଇ ପାରୁ ନାହାନ୍ତି। କଷ୍ଟମଷ୍ଟେ ବ୍ୟାଙ୍କକୁ ଗଲେ ଫିଙ୍ଗରପ୍ରିଣ୍ଟ ଆସୁ ନାହିଁ କି ଭଲ ସେ ଦେଖି ପାରୁ ନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଘରେ ପେନସନ ଟଙ୍କା ପହଞ୍ଚାଇବାକୁ ମୋତି ଅନୁରୋଧ କରିଛନ୍ତି। ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ମୋତି ଅଫିସରେ ଜଣାଇବାପରେ ପେନସନ ହାତରେ ଦେବା ବ୍ୟବସ୍ଥା କରି ଦିଆଯିବ ବୋଲି ସେ କହିଛନ୍ତି।

# ୨ ଦିନ ପରେ ମଣ୍ଡି, ଆସିନି ଟୋକନ୍ ମେସେଜ

ତେନ୍ତୁଲିଖୁଣ୍ଟି, ୩୦।୧୧(ଚିଦାନନ୍ଦ ସାହୁ)

ଚାଷୀ ଖରିଫ ଧାନ କାଟି ସାରିଲାଣି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିରେ ଡିସେମ୍ବର ୨ରୁ ଆରମ୍ଭ ହେବ ମଣ୍ଡି। କିନ୍ତୁ ଚାଷୀଙ୍କୁ ଧାନ ବିକିବା ପାଇଁ ଟୋକନ୍ ମେସେଜ ଏବେ ଯାଏ ଆସିନାହିଁ। ଚଳିତ ବର୍ଷ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବ। ସେପଟେ କଟ୍‌ନି ଛଟ୍‌ନି ହେବନି, ମଣ୍ଡିରେ ନୋଡାଲ ଅଫିସର ରହିବେ। ସବୁ ସୁବିଧାରେ ମଣ୍ଡି ପରିଚାଳନା ହେବ ବୋଲି ସରକାରଙ୍କ ପକ୍ଷରୁ ହୋଇଥିବା ଘୋଷଣାକୁ ନେଇ ଚାଷୀ ଖୁସି ଥିଲେ। କିନ୍ତୁ ଟୋକନ୍ ମେସେଜ୍ ନ ଆସିବାରୁ ଏବେ ସେମାନେ ନିରାଶ ବୋଲି ଚାଷୀ କହିଛନ୍ତି।

ଖରିଫ ଧାନ ବିକ୍ରି ପାଇଁ ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ଚଳିତ ବର୍ଷ ୪୩୯୭ ଜଣ ପଞ୍ଜୀକରଣ କରିଛନ୍ତି। ତେନ୍ତୁଲିଖୁଣ୍ଟି ସମବାୟରେ ୯୪୭, ଅଞ୍ଚଳଗୁମ୍ମା ସମବାୟରେ ୧୩୭୦, ଅଗ୍ନି ଗାଙ୍ଗମ୍ମା ଏସ୍‌ଏଚ୍‌ଜିରେ ୮୭୫, ବାରିଗୁଡା ପାର୍ବତୀ ଏସ୍‌ଏଚ୍‌ଜିରେ ୪୨୪ , ମେଂଗ୍ରା ତେଜମାତା ଏସ୍‌ଏଚ୍‌ଜିରେ୨୨୩, କଂଗରା ସଙ୍କଟମୋଚନ ଏସ୍‌ଏଚ୍‌ଜିରେ ୫୩୦, ଅଞ୍ଚଳଗୁମା ମା ମଙ୍ଗଳା ଏସ୍‌ଏଚ୍‌ଜିରେ ୨୮ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଛନ୍ତି। ଧାନ କିଣା ଦାୟିତ୍ୱରେ ଥିବା ସଂସ୍ଥାକୁ ଚାଷୀ ଓ ପ୍ରଶାସନକୁ ନେଇ ମିଳିତ ଭାବରେ କମିଟି କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ତେନ୍ତୁଲିଖୁଣ୍ଟି ବ୍ଲକ୍‌ରେ ନିଜକୁ

### ଆଶା ଆଶଙ୍କାରେ ଚାଷୀ

ସୁହାଇଲା ଭଳି ଚାଷୀଙ୍କ ନାଁ ଲେଖିଦେଇ କାଗଜକଲମରେ କମିଟି କରିଥିବା ଅଭିଯୋଗ ହେଉଛି। ୨ ତାରିଖରେ ଧାନମଣ୍ଡି ହେବ ବୋଲି ଘୋଷଣା ହୋଇଛି। ମାତ୍ର ବ୍ଲକ୍‌ର ଜଣେ ଗୋଟିଏ ବି ଚାଷୀଙ୍କର ଟୋକନ୍ ଆସିନାହିଁ। ସତରେ ୨ ତାରିଖରୁ ଧାନ କିଣା ହେବ ନା କେବଳ ଉଦ୍‌ଘାଟନ ପାଇଁ ତାରିଖ ସ୍ଥିରକରି ପ୍ରଚାର ହୋଇଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଏପଟେ ଚାଷୀଙ୍କୁ ବାତ୍ୟା ଓ ଲଘୁଚାପ ଭୟ। ମଣ୍ଡି ଶୀଘ୍ର ଆରମ୍ଭ ନ ହେଲେ ବ୍ୟବସାୟୀମାନେ ହିଁ ଲାଭ ପାଇବେ ବୋଲି ବରିଷ୍ଠ ଚାଷୀ ଭୀମ ପାଣିଗ୍ରାହୀ କହିଛନ୍ତି। ବରିଷ୍ଠ ଚାଷୀ ନାରାୟଣ ପାତ୍ର କହିଛନ୍ତି, ସରକାର ୩୧୦୦ ଟଙ୍କାରେ ଧାନ କିଣିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଚାଷୀମାନେ ଏକରକୁ ୨୫ କୁଇଣ୍ଟାଲ ଅମଳ କରୁଛନ୍ତି। ୧୩ କୁଇଣ୍ଟାଲ ସରକାର କିଣିଲେ ବଳକା ଧାନ କେମିତି ବିକିବେ । ଚାଷୀଙ୍କ ସମସ୍ତ ଧାନ କିଣାଯାଉ ବୋଲି ସେ ଦାବି କରିଛନ୍ତି। ମଣ୍ଡି ନିର୍ଦ୍ଧାରିତ ସ୍ଥାନ ଅପରିଷ୍କାର ହୋଇ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ତେନ୍ତୁଲିଖୁଣ୍ଟି ଲ୍ୟାମ୍ପ୍‌ସ ଏମ୍‌ଡି ନରେଶ ଦାସଙ୍କୁ ପଚାରିବାରୁ ମଣ୍ଡି ଆରମ୍ଭ ପୂର୍ବରୁ ଧାନ ସଂଗ୍ରହ ସ୍ଥାନ ପରିଷ୍କାର କରାଯିବ। ଟୋକନ୍ ଇସ୍ୟୁ ହୋଇନାହିଁ। ଉଦ୍‌ଘାଟନ ପୂର୍ବରୁ ଇସ୍ୟୁ ହୋଇଯିବ ବୋଲି ସେ କହିଛନ୍ତି।

## ଧନ୍ଦାମୂଳକ ଶିକ୍ଷାର୍ଥୀଙ୍କ କ୍ଷେତ୍ର ପରିଦର୍ଶନ




ତେନ୍ତୁଲିଖୁଣ୍ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ସୂଚନା ପ୍ରଯୁକ୍ତିବିଦ୍ୟା ଛାତ୍ରୀଛାତ୍ର।

ତେନ୍ତୁଲିଖୁଣ୍ଟି, ୩୦।୧୧(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା ଓ ରିଟେଲ ବିଭାଗ ଛାତ୍ରୀଛାତ୍ର କ୍ଷେତ୍ର ପରିଦର୍ଶନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ନବମ, ଦଶମ ଶ୍ରେଣୀର ୮୦ ଛାତ୍ରୀଛାତ୍ର ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଏକ୍ସ-ରେ, ରକ୍ତ ପରୀକ୍ଷଣ, ରକ୍ତଚାପ, ମଧୁମେହ ସମ୍ପର୍କରେ ଉପସ୍ଥିତ ଡାକ୍ତରଙ୍କଠାରୁ ବୁଝିଥିଲେ। ସେହିଭଳି ରିଟେଲ ବିଭାଗର ୮୦ ଜଣ ତେନ୍ତୁଲିଖୁଣ୍ଟି ଖାମ୍ବୀରାଣୀ ଟ୍ରେଡରକୁ ଇଣ୍ଡଷ୍ଟ୍ରି ଭିଜିଟ୍‌ରେ ଯାଇଥିଲେ। ସେଠାରେ ବିଭିନ୍ନ ବିଭାଗରେ ରିଟେଲ, ମାର୍କେଟିଂ,ପାକେଜିଂ ଆଦି ଦେଖିଥିଲେ। ଧନ୍ଦାମୂଳକ ଶିକ୍ଷକ ନୀଳମାଧବ ଦାସ, ଜ୍ୟୋତିଷ ରଞ୍ଜନ ପଟ୍ଟନାୟକ ଓ ବାପୁଜୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଧନ୍ଦାମୂଳକ ଶିକ୍ଷା ବର୍ତ୍ତମାନ ସମୟରେ ସରକାରଙ୍କର ମୁଖ୍ୟ ଆକର୍ଷଣରେ ରହିଛି। ଏହାଦ୍ୱାରା ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉଛି ବୋଲି ପ୍ରଧାନ ଶିକ୍ଷକ ଉମରସିଂ ନାୟକ କହିଛନ୍ତି।

## ଆଦିବାସୀ ଖାଦ୍ୟକୁ ବାହାରେ ପରିଚୟ ଦେବା ଲକ୍ଷ୍ୟ



ଏକ ଖାଦ୍ୟ ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଲାଗିଛି।

ନବରଙ୍ଗପୁର,୩୦।୧୧(ସଦାଶିବ ପ୍ରହରାଜ)

### ମଣ୍ଡେଇ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟକୁ ଲୋକାଭିମୁଖୀ ଲକ୍ଷ୍ୟ ନେଇ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଣ୍ଡେଇ ଉପଲକ୍ଷେ ଆୟୋଜିତ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାକୁ ଜିଲାପାଳ ଶୁଭଙ୍କର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ର, ଡିଆଇପିଆର୍‌ଓ ମନୋଜ ବେହେରା, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଡିପିଓ ହିମାଂଶୁ ପଟ୍ଟନାୟକ, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେନ୍ତୁଲିଖୁଣ୍ଟିର ମାଁ ମାଣିକେଶ୍ୱରୀ ଏସ୍‌ଏଚ୍‌ଜି, ପାପଡ଼ାହାଣ୍ଡିର ସସ୍ମିତା ପାତ୍ର, ମାଁ ଭଣ୍ଡାରଘରଣୀ ଏସ୍‌ଏଚ୍‌ଜି, ମାଁ ବିରଜା ଏସ୍‌ଏଚ୍‌ଜି, ବାଲ୍‌ଗୋପାଳ ଏସ୍‌ଏଚ୍‌ଜି, ନବରଙ୍ଗପୁର ପୌରପାଳିକାର ବୁନ୍ଦ ଚୌରିଆ, ସିଦ୍ଧ ଭୈରବୀ ଏସ୍‌ଏଚ୍‌ଜି, ଲକ୍ଷ୍ମୀନାରାୟଣ ଏସ୍‌ଏଚ୍‌ଜି, ଜିହବାରଫା ଏସ୍‌ଏଚ୍‌ଜି, ଅନନ୍ୟା କେଶରୀ ଗ୍ରୁପ୍, ଗାୟତ୍ରୀ ଏସ୍‌ଏଚ୍‌ଜି, କାମାକ୍ଷୀ ଏସ୍‌ଏଚ୍‌ଜି, ବୀର ହନୁମାନ ଏସ୍‌ଏଚ୍‌ଜି ଭଳି ୨୦ ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମାଣ୍ଡିଆ, ବାଜରା, ଚାଉଳ, ସୁଜି, ଅଟାରେ ପ୍ରସ୍ତୁତ ପିଠା, କାକରା, ପକୁଡ଼ି, କେକ୍, ଖିରି ଭଳି ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହୋଇଛି। ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର, ଡିପିସି ମିଶନ ଶକ୍ତି ନିରଞ୍ଜନ ଟାଙ୍ଗରାଙ୍ଗା ପ୍ରତିଯୋଗିତା ପରିଚାଳନା କରିଥିଲେ। ଡିପିଓ ହିମାଂଶୁ ପଟ୍ଟନାୟକ, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, ଓଏଲ୍‌ଏମ୍ ସୁସ୍ମିତା ସାମନ୍ତରାୟ ବିଚାରପତିଭାବେ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ମଣ୍ଡେଇ ମହୋତ୍ସବରେ ପୁରସ୍କୃତ କରାଯିବ।

### କଲେଜ ସଫା କଲେ ଛାତ୍ରୀଛାତ୍ର

ନବରଙ୍ଗପୁର,୩୦।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିନୋଦ ବିହାର କଲେଜରେ ଶନିବାର ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ନବରଙ୍ଗପୁର ସାମାଜିକ ସଙ୍ଗଠନ ପରିବର୍ତ୍ତନ ଫାଉଣ୍ଡେସନ ସଦସ୍ୟ ଓ ନବରଙ୍ଗପୁର ପୌରପାଳିକା ସହଯୋଗ କରିଥିଲେ। ସଙ୍ଗଠନ ବରିଷ୍ଠ ସଦସ୍ୟା ସ୍ୱର୍ଣ୍ଣଲତା ପଟ୍ଟନାୟକ ସ୍ୱଚ୍ଛତା ଉପରେ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଗୋବିନ୍ଦା ରାଓ ସଙ୍ଗଠନକୁ ଧନ୍ୟବାଦ ଦେଇଥିଲେ। ସଙ୍ଗଠନ ସଦସ୍ୟମାନେ ପାଠପଢ଼ା କଥା ପଚାରି ବୁଝିଥିଲେ। କଲେଜରେ ଠିକ୍‌ଭାବେ ପାଠପଢ଼ା ହେଉ ନଥିବା ନେଇ ଯେଉଁ ଅଭିଯୋଗ ରହିଛି ସେଥିପ୍ରତି ୧୫ ଦିନରେ ମନିଟରିଙ୍ଗ କରିବାର ପ୍ରତିଶୃତି ଦିଆଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନ ସଭାପତି ନିନୀବାବୁ ତ୍ରିପାଠୀ, ସିରାଜଉଦ୍ଦିନ, ପ୍ରଫୁଲ୍ଲ ସିଂ, ସ୍ୱର୍ଣ୍ଣଲତା ପଟ୍ଟନାୟକ, କିଶୋରୀ ପଟ୍ଟନାୟକ, ଟୁକୁନା ବେହେରା, ଏମ୍ ପ୍ରଶାନ୍ତ, ସୁମନ, ସୁଧୀର ସିଂ, ରାଜନ ତ୍ରିପାଠୀ, ଅଭିଳାଷ ନାୟକ, ଅଭିନାଶ ମହାପାତ୍ର, ସୋମେଶ ଖୋରା, ଶବୀର, ଉପେନ୍ଦ୍ର ଷଡ଼ଙ୍ଗୀ, ଦାଶରଥୀ ପଟ୍ଟନାୟକ, ସୁରଜ ହରିଜନ, ଆକାଶ ହରିଜନ, ଅଶୋକ ପାତ୍ର ଏବଂ ପରିବର୍ତ୍ତନ ଫାଉଣ୍ଡେସନର ଅନ୍ୟ ସଦସ୍ୟଙ୍କ ସହ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ଜାଗା ପରିବର୍ତ୍ତନ ଦାବି



ଗ୍ରାମବାସୀ ଦାବି ଜଣାଉଛନ୍ତି ।

ପାପଡ଼ାହାଣ୍ଡି, ୩୦।୧୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ବସଷ୍ଟାଣ୍ଡ ଲାଗି ଚିହ୍ନଟ ହୋଇଥିବା ସ୍ଥାନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରସ୍ତାବିତ ସ୍ଥାନକୁ ପରିବର୍ତ୍ତନ କରି ଏକ ନୂତନ ଜାଗା ଦେବାକୁ ଗ୍ରାମବାସୀ ବନ ବିଭାଗକୁ ଦାବି କରିଛନ୍ତି। ଏପରି ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପାପଡ଼ାହାଣ୍ଡି ସଦର ଏକ ଚାରି ଛକ ହୋଇଥିବାରୁ ଦୈନିକ ଶତାଧିକ ଯାନ ବାହାନ ଚଳାଚଳ କରିଥାଏ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯିବାପାଇଁ ଯାତ୍ରୀମାନେ ଏଠାରେ ବସକୁ ଅପେକ୍ଷା କରିଥାନ୍ତି। କିନ୍ତୁ ଦୀର୍ଘ ଦିନ ହେଲା ଏଠାରେ ବସଷ୍ଟାଣ୍ଡ ନାହିଁ । ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ରାତିରେ ଯାତ୍ରୀ ମାନେ ଭୟ କରୁଛନ୍ତି ଗତ ସରକାରରେ ପାପଡ଼ାହାଣ୍ଡି ବସଷ୍ଟାଣ୍ଡ ଲାଗି ୧୦ କୋଟି ଟଙ୍କା ଅନୁମୋଦିତ ହୋଇଛି। କିନ୍ତୁ ଠିକ୍ ଜାଗା ଚିହ୍ନଟ ହୋଇ ପାରୁ ନ ଥିବାରୁ ବସଷ୍ଟାଣ୍ଡ ନିର୍ମାଣ ହୋଇପାରୁନାହିଁ। କିଛି ଦିନ ତଳେ ବନ ବିଭାଗ ପକ୍ଷରୁ ଡାକ ବଙ୍ଗଳା ରାସ୍ତାର ପାର୍ଶ୍ୱରେ ଥିବା ଖାତା ନମ୍ବର ୧୨୩୪ / ପ୍ଲଟ ନମ୍ବର ୨୪୬୨ର ଏକରେ ଜାଗା ଦିଆଯିବା ପରେ ସ୍ଥାନୀୟ ତହସିଲଦାର, ଆରଡି ଓ ବନ ବିଭାଗର କର୍ମଚାରୀଙ୍କ ଉପସ୍ଥିତିରେ ଜାଗା ମାପ ସହ ଟେଣ୍ଡର ପ୍ରକ୍ରିୟା ସରିଛି। ପ୍ରସ୍ତାବିତ ଜାଗାଟି ରାସ୍ତା ଠାରୁ ବହୁ ଭିତରେ ହେଉଥିବାରୁ ସ୍ଥାନୀୟ ଲୋକେ ଉପକୃତ ହୋଇପାରିବେ ନାହିଁ। ଏହା ଭିତରକୁ ଯିବାକୁ ସଂକୀର୍ଣ୍ଣ ରାସ୍ତା ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବ। ଜଙ୍ଗଲ ଲାଗିକି ରହୁଥିବାରୁ ଜଙ୍ଗଲି ଜନ୍ତୁ ଭୟ ରହିଛି। ତେଣୁ ଜାତୀୟ ରାଜପଥ ୨୬ ର ଚେକଗେଟ ନିକଟରେ ବନ ବିଭାଗର ଚମ୍ପା ଉଦ୍ୟାନକୁ ଲାଗିକି ଥିବା ଜାଗାରେ ବସଷ୍ଟାଣ୍ଡ ହେଲେ ସହରର ସୌନ୍ଦର୍ଯ୍ୟକରଣ ହେବା ସହ ଲୋକଙ୍କ ବ୍ୟାବସାୟ ପାଇଁ ଉପଯୋଗୀ ହେବ। ରାସ୍ତା ଉପରେ ବସଷ୍ଟାଣ୍ଡ ରହିଲେ ଯାତ୍ରୀ ସୁରକ୍ଷିତ ରହିବେ ବୋଲି ଗ୍ରାମବାସୀ କହିଛନ୍ତି। ବସ୍‌ଷ୍ଟାଣ୍ଡ ପାଇଁ ଉକ୍ତ ଜାଗା ଦେବାକୁ ଡିଏଫ୍‌ଓଙ୍କୁ ଦାବିପତ୍ର ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି।

## ଗୀତକୁଡ଼ିଆ, ଗୀତକୁଡ଼ିଆଣୀ ଗାଇଲେ ଲୋକଗୀତ

ନବରଙ୍ଗପୁର,୩୦।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଶାସ୍ତ୍ରୀଭବନରେ ମଣ୍ଡେଇ ୨୦୨୪ ପାଳନ ଉପଲକ୍ଷେ ଜିଲାସ୍ତରୀୟ ଲୋକଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡିଆଇପିଆର୍‌ଓ ମନୋଜ କୁମାର ବେହେରା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ସମସ୍ତ ବିଚାରପତି ଏବଂ ଅଧାପକ ଦିଲୀପ ହୋତା ମଞ୍ଚାସୀନ ଥିଲେ। ନବରଙ୍ଗପୁର, କୋଷଗୁମୁଡ଼ା, ତେନ୍ତୁଲିଖୁଣ୍ଟି, ଝରିଗାଁ ବ୍ଲକ୍‌ରୁ ୧୩ ଜଣ



ଗୀତକୁଡ଼ିଆ ଓ ଗୀତକୁଡ଼ିଆଣି ଉପସ୍ଥିତ ରହି ଲୋକଗୀତ ପ୍ରଦର୍ଶନ କରିଥିଲେ। ସାଇମନ ବିଡ଼ିକା, ହେମଲତା ମାଝୀ, କେଦାରେଶ୍ୱର ପଟ୍ଟନାୟକ, କାର୍ତ୍ତିକ ଭତ୍ରା ବିଚାରପତି ଦାୟିତ୍ୱ ତୁଲାଇଥିଲେ। ଝରିଗାଁ ବ୍ଲକ ଏକମ୍ବା ଗ୍ରାମର ଦାମୋଦର ପନକା ପ୍ରଥମ, ନବରଙ୍ଗପୁର ବ୍ଲକ ସିନ୍ଧି ଗାଁର ହେମ ଭତ୍ରା ଦ୍ୱିତୀୟ, ବାସିନୀ ଗ୍ରାମର ଖଗପତି ହରିଜନ ତୃତୀୟ ହୋଇଥିବାବେଳେ ସିନ୍ଧି ଗାଁର ରାଧା ଧାକଡ଼ଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଛି। କୃତୀ ପ୍ରତିଯୋଗୀଙ୍କୁ ମଣ୍ଡେଇ ମହୋତ୍ସବରେ ପୁରସ୍କୃତ କରାଯିବ। ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ପ୍ରତିଯୋଗିତା କରିଚାଳନା କରିଥିଲେ। ଏ.ସନ୍ତୋଷ, ନୀଳକଣ୍ଠ ନାଏକ ଏଥିରେ ସହଯୋଗ କରିଥିଲେ। ଦୁର୍ଗା ପ୍ରସାଦ ପ୍ରଧାନ, ଦେବଦାସ ମହାକୁଡଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଲୋକେ ଓ ଖବରଦାତା ଉପସ୍ଥିତ ଥିଲେ।

### ଶବ୍ଦ ସୃଷ୍ଟିକାରୀ ୫ ବୁଲେଟ୍ ଜବତ

ଜୟପୁର,୩୦।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରରେ ବୁଲେଟର ସାଇଲେନ୍ସରକୁ ବଦଳାଇ ବିକଟାଳ ଶବ୍ଦ ସୃଷ୍ଟି କରି ଲୋକଙ୍କୁ ହଇରାଣ କରୁଥିବା ୫ ବୁଲେଟ୍‌କୁ ଟାଉନ୍ ପୋଲିସ ଜବତ କରିଛି। ପୋଲିସ ସହରର ମୁଖ୍ୟରାସ୍ତାରେ ଶନିବାର ଚଢ଼ାଉ କରି ୫ ବୁଲେଟ୍ ଜବତ ସହ ଜରିମାନା ଆଦାୟ କରିଛି। ବୁଲେଟ୍ ମାଲିକମାନେ ୧୦ହଜାର ଟଙ୍କା ଜରିମାନା ଦେବା ସହ କମ୍ପାନୀ ଦେଇଥିବା ସାଇଲେନ୍ସର ଲଗାଇ ପୁଣି ବୁଲେଟ୍ ନେଇଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

### ସ୍କୁଟି ଚଲାଇ ଜରିମାନା ଗଣିଲେ ନାବାଳକ

ଜୟପୁର,୩୦।୧୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହର ଟାଉନ୍ ପୋଲିସ ଗାଡି ଯାଞ୍ଚ କରି ଜଣେ ସ୍କୁଟି ଚଲାଉଥିବା ନାବାଳକଙ୍କୁ କାବୁ କରି ଜରିମାନା ଆଦାୟ କରିଛି। କେବିଏସ୍‌ଡି ରୋଡରେ ସ୍କୁଟିକୁ ଜବତ କରିବା ସହ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ଦନ୍ତେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାହାରିଲା ମଶାଲ

ଝରିଗାଁ, ୩୦।୧୧(କିଶୋର ଚନ୍ଦ୍ର ମଣ୍ଡଳ)

### ଝରିଗାଁ ବ୍ଲକ୍‌ସ୍ତରୀୟ ମଣ୍ଡେଇ ଉଦ୍‌ଘାଟିତ

ନବରଙ୍ଗପୁର ଜିଲା ଝରିଗାଁରେ ବ୍ଲକ୍‌ସ୍ତରୀୟ ମଣ୍ଡେଇ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଏବଂ ବ୍ଲକ୍ କର୍ମଚାରୀ ଦନ୍ତେଶ୍ୱରୀ ମନ୍ଦିର ପହଞ୍ଚିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବିଡିଓ ପ୍ରୀତା କୁମାରଙ୍କ ତତ୍ତ୍ୱାବଧାନରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବାଦ୍ୟବାଜଣା ଓ ପାରମ୍ପରିକ ନୃତ୍ୟ ସହ ଅତିଥିମାନେ ନଗର ପରିକ୍ରମା କରିବା ମଶାଲକୁ ମଣ୍ଡେଇ ପଡ଼ିଆରେ ସ୍ଥାପନ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲଗୁଡିକୁ ଅତିଥିମାନେ ବୁଲି ଦେଖିଥିଲେ। ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ନବରଙ୍ଗପୁର ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଉପାଧ୍ୟକ୍ଷା ଲିପିକା ବାରୋଇ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଝରିଗାଁ ବ୍ଲକ ଉପାଧ୍ୟକ୍ଷା ମନଦେଇ ଭତ୍ରା, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ଝାଙ୍କର, ଡାବୁଗାଁ ବ୍ଲକ ଅଧକ୍ଷ ବୀଣା ମାଝୀ, ନବରଙ୍ଗପୁର ବ୍ଲକ ଅଧକ୍ଷ ଶରତ ମାଝୀ, ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରିଙ୍କୁ ସୁନାଙ୍କ ସମ୍ବଲପୁରୀ ଗୀତ ସମସ୍ତଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମକୁ ଝରିଗାଁ ବ୍ଲକ୍ କର୍ମଚାରୀ ପରିଚାଳନା କରିଥିଲେ।



ମଣ୍ଡେଇ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ବିଶ୍ୱାସ, ଅବିଶ୍ୱାସ ମଝିରେ ସମ୍ପର୍କର କଥା ନାଟକ ଲେଖା ଛିଡ଼ିଲା

ନବରଙ୍ଗପୁର, ୩୦।୧୧ (ସଦାଶିବ ପ୍ରହରାଜ)

ସମ୍ପର୍କ ବି ଅଜବ। ବିଶ୍ୱାସ ନ ପାଇବା ପର୍ଯ୍ୟନ୍ତ ଆରମ୍ଭ ହୁଏନି କି ଧୋକା ନ ଖାଇବା ପର୍ଯ୍ୟନ୍ତ ଶେଷ ହୁଏ ନାହିଁ। ଲୋକେ କାହା ବିଷୟ ଭଲ ଶୁଣିଲେ ସନ୍ଦେହ କରନ୍ତି । ଆଉ ଖରାପ ଶୁଣିଲେ ବିଶ୍ୱାସ କରନ୍ତି । ବିଶ୍ୱାସ ଅବିଶ୍ୱାସର ସେତୁ ଉପରେ ସାରା ଜଗତ ତିଷ୍ଠିତ। କ୍ରୋଧ, ଲୋଭ, ମୋହ ଉପରେ ବିଶ୍ୱାସ ଅଟକିଯାଏ, ତାହାକୁ ସତ ବୋଲି ସେ ବିଶ୍ୱାସକରେ । ଧର୍ମ ଉପରେ ଆଉ ବିଶ୍ୱାସ ରୁହେ ନାହିଁ। ଅବିଶ୍ୱାସକୁ ବିଶ୍ୱାସର ଅସ୍ତ୍ର କରି, କେତେଜଣ ଅସାଧୁ ଚରିତ୍ର ନିଜର ସ୍ୱାର୍ଥ ଲାଳସାକୁ ଚରିତାର୍ଥ କରିବା ନିମନ୍ତେ ସରଳ ବିଶ୍ୱାସୀ ଲୋକଙ୍କୁ ହାତବାରିସି ସଜାଇଛନ୍ତି। ସମାଜ ଭିତରେ ଅବିଶ୍ୱାସର ମଞ୍ଜି ବୁଣି ସଫଳ ମଧ୍ୟ ହୁଅନ୍ତି । ସମାଜ ଆଗରେ ପରିଗଣିତ ହୁଅନ୍ତି ସମ୍ମାନାସ୍ପଦ, ମାନ୍ୟଗଣ୍ୟ ବ୍ୟକ୍ତିଭାବେ। ହେଲେ ଏ ସଫଳତା କ୍ଷଣସ୍ଥାୟୀ ନା ଚିରକାଳ। ଭଗବାନ ଶାସ୍ତି ଦିଅନ୍ତି ନା ନାହିଁ ଯାହାକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ 'ଲେଖା ଛିଡ଼ିଲା'। ନବରଙ୍ଗପୁର ପୌରପାଳିକା ପକ୍ଷରୁ ମଣ୍ଡେଇ ମଞ୍ଚ



ନାଟକ ମଞ୍ଚରେ ମୁଖ୍ୟ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ନାଟକ ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଲେଖା ଛିଡ଼ିଲା' ଦର୍ଶକଙ୍କ ମନକୁ ଛୁଇଁଛି। ମଞ୍ଚ ନାଟକ ମୋହତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ଶୁଭଙ୍କର ମହାପାତ୍ର ଯୋଗ ଦେଇଥିଲେ। ମଞ୍ଚ ନାଟକକୁ କଳାକାରମାନେ ଜୀବିତ ରଖିଛନ୍ତି । ମଞ୍ଚ ଉପରେ କଳାକାର ଥିଲେ ମଧ ମଞ୍ଚ ତଳେ ବି କଳାକାର ଥାନ୍ତି। ଦର୍ଶକ ଭଲ ହେଲେ କାର୍ଯ୍ୟକ୍ରମ ଅତି ଭଲ ହେବ ବୋଲି ସେ କହିଥିଲେ। ପୌରାଧକ୍ଷ କୁନୁ ନାୟକ, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ମହେଶ୍ୱର ଚନ୍ଦ୍ର ନାୟକ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଡିଆଇପିଆର୍‌ଓ ମନୋଜ ବେହେରା, ଜିଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପ୍ରସାଦ ପ୍ରଧାନ ନାଟକ ରଚନା, ନିର୍ଦ୍ଦେଶନା ଓ

### ମଣ୍ଡେଇ ମଞ୍ଚ ନାଟକ -ଲେଖା ଛିଡ଼ିଲା ଦ୍ୱିତୀୟ ଦିନରେ ମଞ୍ଚସ୍ଥ

ଅଭିନୟରେ ଦେବଦାସ ମହାକୁଡ଼ ଥିଲେ। ଦୁର୍ଗାପ୍ରସାଦ ପ୍ରଧାନ, ଫାଲ୍‌ଗୁନି ପାତ୍ର (ଚିନୁ), କାଳିକିଙ୍କର ପଟ୍ଟନାୟକ, ଜ୍ୟୋତି ପରିଚ୍ଛା, ବିକ୍ରମ ଦାଶ (ବିକି), ସସ୍ମିତା ପଟ୍ଟନାୟକ, ନିହାରିକା ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ବାରିକ, ଜି. ଭି. ଭି. ରବି ପ୍ରସାଦ, ଦେବାଶିଷ ମହାନ୍ତି ଓ କିରଣ ରାଓଙ୍କ ବଳିଷ୍ଠ ଅଭିନୟ ବେଶ୍ ହୃଦୟସ୍ପର୍ଶୀ ଥିଲା। ଏହାର ପରବର୍ତ୍ତୀ ସମୟରେ ଡାବୁଗାଁ ବ୍ଲକ୍ ପକ୍ଷରୁ ପରୱା ଇଲେ ନାଟକ ମଞ୍ଚସ୍ଥ ହୋଇଥିଲା।



ନାଟକ 'ଲେଖା ଛିଡ଼ିଲା'ର ଏକ ଦୃଶ୍ୟ ।

